# ମଲ୍ଲପଡ଼ା

ଅସୀମ ସୌର୍ଯ୍ୟ ତୁର୍ଯ୍ୟ ନାଦରେ
ଗଡ଼ ଖୋରଧାର
ବୁକୁ ଦମକାଇ ଦିନେ
ମଲ୍ଲପଡ଼ାର ପାଇକ ବାହିନୀ
ବଜାଇଲେ ସତେ ରଣ ଦୁନ୍ଦୁଭି
ଦୁର୍ବାର ରଣାଙ୍ଗନେ
ପାଇକ ଶୋଣିତେ ରକ୍ତାଭ ମାଟି
ନିଶାଣ ରହିଛି ହୃଦୟୁ ବୁହାଇ
ଦୀପ୍ତ ରକତ ଧାର
ବାହୁଟି ପିନ୍ଧା ଏ ପାଇକର ବଧୂ
ଟାଣିଥିଲା ଦିନେ ମଲ୍ଲ ମଥାରେ
ଦୀପ୍ତ ଶୋଣିତ ଗାର ।
ନଦୀ ମନ୍ଦାକିନୀ ଅମନ୍ଦଗାମିନୀ
ଆଜିବି ଗାଉଛି ସ୍ରୋତସ୍ୱିନୀ ସ୍ୱରେ
ଜୀର୍ଣ୍ଣ ପାଇକ ଗାଥା
ବରୁଣେଇ ଗିରି ଊର୍ଦ୍ଧ୍ୱ ଆନନେ
ପ୍ରତିଧ୍ୱନି ଛଳେ ହେଜାଇ ଦେଉଛି
ଦରଦୀ ହୃଦୟ ବ୍ୟଥା ।
ଶୁଭ ଓଁକାର ତୋଳିଥିଲା ଦିନେ
ବୃନ୍ଦାବତୀ ଦାସୀ ଓଡ଼ିଆ ଜାତିର
ବନ୍ଦିତା ନାରୀ କବି
ଝରୁଥିଲା ଯାର ଦୃପ୍ତ ଲେଖନୀରୁ
ନୈସର୍ଗିକ ଚିର ଅମୂଲ୍ୟ ଅମ୍ଳାନ
ଅମୃତ ରସେ ଦ୍ରବୀ ।

ତାପଙ୍ଗ ଗଡ଼ର ଇତିହାସ କହେ
ଫିରିଙ୍ଗିର ସାଥେ ସ୍ୱାଧୀନତା ଲାଗି
ଶୋଣିତର ହୋରି ଖେଳ
ମଲ୍ଲପଡ଼ାର ପାଇକ ବାହିନୀ
ସ୍ୱାଧୀନତା ଯଜ୍ଞେ ଝାସ ଦେଇଥିଲା
ରକ୍ତର ହୋରି ଖେଳିଥିଲା ଶତବାର ।

ମନ୍ଦ୍ରିତ ଆଜି ସେଇ ଇତିହାସେ
ବୀର ଓଡ଼ିଆର କ୍ୱଣ ନିକ୍ୱଣ
ହୃଦ ସ୍ପନ୍ଦନ ରାଜି
ବନ୍ଦିତ ଆଜି ମଲ୍ଲ ପାଇକ
ପ୍ରତିଧ୍ୱନି ଯାର ବକ୍ଷେ ଭେଦଇ
ନିନାଦର ଧାରା ସୃଜି ।
ମହାବିଦ୍ୟାଳୟ ପାଟଣାଣୀ ନାମେ
ବିରାଜଇ ସେଇ ବୀର ପ୍ରସବିନୀ
ଶୁଚି ମାଟିର ଧାରେ
ବୀର ସଂଗୀତର ଝଙ୍କାର ସୃଜିଛି
କବିତା ଲଲାଟେ ଟୀକା ସାଜିଛି
ପ୍ରସନ୍ନ କବିର ଦୃପ୍ତ ମସୀର ଗାରେ ।
ଖେଳାଇଛି ଭବ୍ୟ ନବ ଚେତନାକୁ
ସୁପ୍ତ ଲହୁରେ ଲାଭା ଜଳାଇଛି
ଓଡ଼ିଆର ଦୃପ୍ତ ବୁକେ
ମଲ୍ଲପଡ଼ା ଆଜି ମଳିପଡ଼ା ରୂପେ
ଅମର ରହିଛି ଚିରଦିନ ଲାଗି
କାଳ ଇତିହାସ ବୁକେ ।

□□□